# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ସଂରକ୍ଷଣ ବିମୋଚନ (De-reservation) ମୋକଦ୍ଦମା ସଂଖ୍ୟା ...୦୨.../୨୦୨୬

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୬୧୮ ତାରିଖ: ୦୮.୦୪.୨୦୨୬

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ତିଳେଇମାଳ ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ **ଆଞ୍ଚଳିକ ପରିବହନ ଅଧିକାରୀ, ସମ୍ବଲପୁର (RTO, Sambalpur), ଭାରୀ ମୋଟର ଯାନ (HMV) ବର୍ଗର ଚାଳନା ପ୍ରଶିକ୍ଷଣ ନିମନ୍ତେ ଚାଳନା ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ (IDTR)** ନିର୍ମାଣ ପାଇଁ ଜମି ହସ୍ତାନ୍ତରଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ "ଆବାଦ ଯୋଗ୍ୟ ଅନାବାଦି" ଖାତାରେ ର କିସମ "ପତିତ" ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ଓଡ଼ିଶାର ଜବାନ ମାନଙ୍କ ପାଇଁ ସଂରକ୍ଷିତ"ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନ କରିବା ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|---|
| ତିଳେଇମାଳ | ୧୯୮ (ଆବାଦ ଯୋଗ୍ୟ ଅନାବାଦି ) | ୧୫୪୫ | ୨୬.୭୪ | ୨୬.୭୪ | ପତିତ | ଓଡ଼ିଶାର ଜବାନ ମାନଙ୍କ ପାଇଁ ସଂରକ୍ଷିତ |
| ମୋଟ | ୧ ଖାତା | ୧ ପ୍ଲଟ | ୨୬.୭୪ | ୨୬.୭୪ | | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା........୬୧୯........ ତା: ...୦୮.୦୪.୨୦୨୬...

ଏହାର ଏକ କିତା ନକଲ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର/ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ରାଜସ୍ୱ ନିରୀକ୍ଷକ ବୋମାଲୋଏଙ୍କ କାର୍ଯ୍ୟାଳୟ/ ଗ୍ରାମ ପଞ୍ଚାୟତ ବୋମାଲୋଏ ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର